'ଜୀବାଣୁ ସାର' କହିଲେ ସାଧାରଣତଃ କେତେକ ଅଣୁଜୀବ ଯାହାଙ୍କୁ ମାଟିରେ ସିଧାସଳଖ ଭାବେ ହେଉ ଅଥବା ମଞ୍ଜି ସହ ହେଉ ଅଥବା ଚେରଦ୍ୱାରା ଉପଚାର (Inoculation) କରାଯାଇଥାଏ । ମାଟିରେ ଥିବା ବିଭିନ୍ନ ପ୍ରକାରର ଉପକାରୀ ଅଣୁଜୀବ ମାନଙ୍କୁ ଗବେଷଣାଗାରରେ ଚିହ୍ନଟ କରାଯାଇ, ସେମାନଙ୍କୁ କୃତ୍ରିମ ଉପାୟରେ ବଂଶବୃଦ୍ଧି ଘଟାଇ ନାନା ପ୍ରକାରରେ ଫସଲରେ ବ୍ୟବହାର କରାଯାଇଥାଏ । ଏଣୁ ଅଣୁଜୀବ ମାନେ ମୁଖ୍ୟତଃ ବାୟୁମଣ୍ଡଳର ଯବକ୍ଷାରଜାନକୁ ମାଟିରେ ଅଥବା ଗଛର ଚେରରେ ବିବନ୍ଧିତ କରିଥାଆନ୍ତି । ମାଟିରେ ରହୁଥିବା ଅଦ୍ରବଣୀୟ ଗ୍ରହଣୀୟ ଫସ୍‌ପରସ୍‌କୁ ଦ୍ରବଣୀୟ କରି ଗଛକୁ ଯୋଗାଇ ଥାଆନ୍ତି । ଏହି ପରି ଅଣୁଜୀବ ମାନଙ୍କ ବିଷୟରେ ଆଲୋଚନା କରିବା ।

## ରାଇକୋବିୟମ:

ଏହି ଡାଲିଜାତୀୟ ଫସଲ ଯଥା: ମୁଗ, ବିରି, କୋଳଥ, ହରଡ, ଗୁଆଁର, ସ୍ୱୋବିନ୍, ବୁଟ, ମସୁର, ବରଗୁଡି, ମେଥି, ଶିମ୍ବ, ଲୁସର୍ଣ୍ଣ, ବରସିମ୍ ଓ ଚିନାବାଦାମ୍ ଫସଲ ପାଇଁ ଜୀବାଣୁ ସାର ଭାବରେ ବ୍ୟବହାର କରାଯାଏ । ଏହା ଏହି ସବୁ ଗଛ ସହିତ ସହ ବନ୍ଧନରେ ହିଁ କାର୍ଯ୍ୟକ୍ଷମ ହୁଏ । ବିଭିନ୍ନ ପ୍ରକାରର ଫସଲ ପାଇଁ ଏହା ଭିନ୍ନ ଭିନ୍ନ ।

### ରାଇଜୋବିୟମ ପ୍ରଜାତିର ବିଭାଗୀକରଣ

| ରାଇକୋବିୟମ ପ୍ରଜାତି | କେଉଁ ଜାତୀୟ ଫସଲ ପାଇଁ ଉପଯୁକ୍ତ | ଫସଲର ନାମ |
|---|---|---|
| ୧. ରାଇକୋବିୟମ ଜାପୋନିକମ୍ **(Rhizobium japonicum)** | ସୋୟାବିନ୍ ଜାତୀୟ ଫସଲ | ସୋୟାବିନ୍ |
| ୨. ରାଇକୋବିୟମ ଲିଗୁନିନୋସାରମ୍ **(Rhizobium leguminosarum)** | ମଟର ଜାତୀୟ ଫସଲ | ମଟର, ଶିମ୍ବ, ମସୁର, ଚଣା |
| ୩. ରାଇକୋବିୟମ ଲୁପିନି **(Rhizobium lupini)** | ଲୁପିନି ଜାତୀୟ ଫସଲ | ଲୁପିନ |
| ୪. ରାଇକୋବିୟମ ମେଲିଲୋଟି **(Rhizobium meliloti)** | ଆଲାଫା ଆଲଫା ଜାତୀୟ ଫସଲ | ଲୁସର୍ଣ୍ଣ, ମେଥି |
| ୫. ରାଇକୋବିୟମ ଫାଜିଓଲି **(Rhizobium phaseole)** | ବିନ୍ ଜାତୀୟ ଫସଲ | ବିନ୍ |
| ୬. ରାଇକୋବିୟମ ସ୍ୱେସିସ୍ **(Rhizobium species)** | ଝୁଡଙ୍ଗ ଜାତୀୟ ଫସଲ | ଝୁଡଙ୍ଗ, ହରଡ, ବୁଟ, ଚିନାବାଦାମ, ମୁଗ, ବିରି, ଗୁଆଁର, ଧନିଚା, ସୁବାବୁଲ ଶିଶୁ, ଛଣି, ଷ୍ଟାଇଲୋ ଇତ୍ୟାଦି |
| ୭. ରାଇକୋବିୟମ ଟ୍ରାଇଫୋଲି **(Rhizobium trifoli)** | ବରସିମ୍ ଜାତୀୟ ଫସଲ | ବରସିମ୍ |

## ପ୍ରୟୋଗ ବିଧି:

ଏକ କିଲୋଗ୍ରାମ୍ ମଞ୍ଜିରେ ପ୍ରୟୋଗ କରିବା ପାଇଁ ୧୫-୨୦ ଗ୍ରାମ୍ ରାଇଜୋବିୟମ୍ କଲଚର ଦରକାର ହୋଇଥାଏ । ୨୦୦ ଗ୍ରାମ୍‌ର ରାଇଜୋବିୟମ୍ କଲଚର ନେଇ ତାକୁ ୩୦୦-୪୦୦ ମି.ଲି. ପାଣିରେ (ପ୍ରାୟ ୨ ଗ୍ଲାସ) ଭଲ ଭାବରେ ଗୋଳାନ୍ତୁ । ଏହି ମିଶ୍ରଣକୁ ନେଇ ୧୦-୧୨ କି.ଗ୍ରା. ମଞ୍ଜି ଉପରେ ଧୀରେ ଧୀରେ ଢ଼ାଳି ହାତରେ ଭଲ କରି ଓଲଟପାଲଟ କରନ୍ତୁ । ଯେପରିକି ପ୍ରତ୍ୟେକ ମଞ୍ଜି ଉପରେ ଏହି ମିଶ୍ରଣ ସମାନ ଭାବରେ ଲାଗିଯିବ । ଏହି ଉପଚାରିତ ବିହନଗୁଡିକୁ ଏକ ପରିଷ୍କାର କାଗଜ, ଅଖା କିମ୍ବା ପଲିଥିନ୍ ଉପରେ ଛାଇରେ ଶୁଖାଇ ଶୁଖିଗଲା ପରେ ଉପଚାର ୬ ଘଣ୍ଟା ମଧ୍ୟରେ ଜମିରେ ବୁଣିଦିଅନ୍ତୁ ।



## ଏହା କିପରି କାର୍ଯ୍ୟ କରେ:

ମଞ୍ଜିରେ ପ୍ରୟୋଗ ଦ୍ୱାରା ଏହି ଜୀବଣୀ ବହୁ ସଂଖ୍ୟାରେ ମଞ୍ଜି ଉପରେ ଲାଗି ରହିଥାଆନ୍ତି । ମଞ୍ଜି ଅଙ୍କୁରିତ ହେବା ସଙ୍ଗେ ସଙ୍ଗେ ଏମାନଙ୍କର ସଂଖ୍ୟା ବୃଦ୍ଧି ହୁଏ ଏବଂ ଏମାନେ ଗଛର ଚେରରେ ପ୍ରବେଶ କରି ଛୋଟ ଛୋଟ ଗଣ୍ଠି ତିଆରି କରିଥାନ୍ତି । ଏହି ଜୀବାଣୁମାନେ ଗଣ୍ଠି ଭିତରେ ବହୁ ସଂଖ୍ୟାରେ ରହି ବାୟୁମଣ୍ଡଳୀୟ ଯବକ୍ଷାରଜାନକୁ ବିବନ୍ଧିତ କରି ଗଛର ଗ୍ରହଣୀୟ ଅବସ୍ଥାକୁ ଆଣିଥାନ୍ତି ।

### ବିଭିନ୍ନ ଡାଲିଜାତୀୟ ଫସଲ ଦ୍ୱାରା ବିବନ୍ଧିତ ହେଉଥିବା ଯବକ୍ଷାରଜାନର ପରିମାଣ

| କ୍ର.ନଂ. | ଫସଲର ନାମ | ବିବନ୍ଧିତ ଯବକ୍ଷାରଜାନ ପରିମାଣ କି.ଗ୍ରା./ହେକ୍ଟର |
|---|---|---|
| ୧. | ଅଲଫା ଅଲଫା | ୧୦୦-୩୦୦ |
| ୨. | ହରଡ | ୬୦-୨୦୦ |
| ୩. | ଗୁଆଁର | ୩୭-୧୯୬ |
| ୪. | ଚିନାବାଦାମ | ୧୧୨-୧୫୨ |
| ୫. | ବରସିମ୍ | ୧୨୦-୧୫୦ |
| ୬. | କ୍ଲୋଭର | ୧୦୦-୧୫୦ |
| ୭. | ସୋୟାବିନ୍ | ୪୯-୧୩୦ |
| ୮. | ମଶୁର | ୩୫-୧୦୦ |

| | | |
|---|---|---|
| ୯. | ଧନିଚା | ୬୯-୯୦ |
| ୧୦. | ଝୁଡଙ୍ଗ | ୫୩-୮୫ |
| ୧୧. | ମଟର | ୫୯-୮୦ |
| ୧୨. | ବୁଟ | ୨୬-୬୩ |
| ୧୩. | ମୁଗ | ୫୦-୫୫ |
| ୧୪. | ବିରି | ୩୮-୫୦ |

## ଆଜୋଟୋବ୍ୟାକ୍ଟର ଓ ଆଜୋସ୍ପିରିଲମ୍ ଜୀବାଣୁ ସାର:

ଆଜୋଟୋବ୍ୟାକ୍ଟର ଓ ଆଜୋସ୍ପିରିଲମ୍ ଜୀବାଣୁ ସାର ପ୍ରାୟ ପ୍ରତ୍ୟେକ ଫସଲରେ ବ୍ୟବହାର କରାଯାଇପାରିବ । ଏହି ଜୀବାଣୁମାନେ ଗଛର ଚେରରେ ଓ ଚେର ଚାରିପାଖରେ ମାଟିରେ ମୁକ୍ତ ଭାବରେ ରହି ବାୟୁମଣ୍ଡଳର ଯବକ୍ଷାରଜାନକୁ ଆମୋନିଆରେ ପରିଣତ କରି ନିଜ କୋଷରେ ବିବନ୍ଧିତ କରିଥାନ୍ତି । ଜୀବାଣୁ ମରିଗଲା ପରେ ସେହି ଯବକ୍ଷାରଜାନ ଗଛକୁ ମିଳିଥାଏ । ରାଇଜୋବିୟମ୍ ପରି ଏମାନେ ଗଛର ଚେରରେ ଗଣ୍ଠି ସୃଷ୍ଟି କରନ୍ତି ନାହିଁ ।

## ପ୍ରୟୋଗ ପ୍ରଣାଳୀ:

ମୃତ୍ତିକା ଓ ଫସଲକୁ ବିଚାର କରି କେଉଁ ଜୀବଣୁ ସାର ବ୍ୟବହାର କରାଯିବ ତାହା ସ୍ଥିର କରାଯାଇଥାଏ ।

(କ) ଅଳ୍ପ ଓଦାଳିଆ ବା ପୁରାପୁରି ଶୁଖିଲା ଦୋରସା, ବାଲିଆ ଦୋରସା ବା ଦୋରସା ମାଟିରେ ଆଜୋଟୋବ୍ୟାକ୍ଟର ପ୍ରୟୋଗ କରାଯାଇଥାଏ । କାରଣ ଏହି ମାଟିରେ ଭଲ ପବନ ଚଳାଚଳ କରୁଥାଏ ।

(ଖ) ବେଶୀ ପାଣି ଧରି ରଖିପାରିଥିବା କାଦୁଅ ବା କାଦୁଆଦୋରସା ମାଟିରେ ଆଜୋସ୍ପିରିଲମ୍ ପ୍ରୟୋଗ କରାଯାଇଥାଏ । କାରଣ ଏହି ମାଟି ଓଜନିଆ ଓ ଏଥିରେ ପବନ ଭଲ ଚଳାଚଳ କରିପାରେ ନାହିଁ ।

(ଗ) ମାଟିର ପ୍ରକାର ଠିକ୍ ଭାବରେ ଜଣା ନଥିଲେ, ଆଜୋଟୋବ୍ୟାକ୍ଟର ଓ ଆଜୋସ୍ପିରିଲମ୍ ମିଶ୍ରଣ ୧:୧ ଅନୁପାତରେ ବ୍ୟବହାର କରାଯାଇଥାଏ । ଆଜୋଟୋବ୍ୟାକ୍ଟର / ଆଜୋସ୍ପିରିଲମ୍‌କୁ ନିମ୍ନ ଉପାୟରେ ପ୍ରୟୋଗ କରାଯାଏ ।

## ମଞ୍ଜିର ପ୍ରୟୋଗ ପ୍ରଣାଳୀ:

୧ କି.ଗ୍ରା. ମଞ୍ଜିରେ ପ୍ରୟୋଗ କରିବା ପାଇଁ ୨୦-୩୦ ଗ୍ରାମ୍ ଆଜୋଟୋବ୍ୟାକ୍ଟର କିମ୍ବା ଆଜୋସ୍ପିରିଲମ୍ କଲ୍‌ଚର ଦରକାର । ପ୍ରଥରେ ୨୦୦ ଗ୍ରାମ୍ କଲଚରକୁ ନେଇ ୩୦୦-୪୦୦ ମି.ଲି. ପାଣିରେ ମିଶାନ୍ତୁ । ଏହି ମିଶ୍ରଣକୁ ୧୦କି.ଗ୍ରା. ମଞ୍ଜି ଉପରେ ଢ଼ାଳି ଧୀରେ ଧୀରେ ହାତରେ ମିଶାନ୍ତୁ । ଏହି କଲଚର ଗୋଳା ମଞ୍ଜିକୁ ଛାଇରେ ଶୁଖାଇ ଜମିରେ ବୁଣି ଦିଅନ୍ତୁ ।

## ଚାରି ଗଛର ଚେରରେ ପ୍ରୟୋଗ ପ୍ରଣାଳୀ:

ଧାନ ଗଛର ତଳି ଓ ପନିପରିବାର ଚାରାକୁ ଏହି ପ୍ରଣାଳୀରେ ଉପଚାର କରିବାକୁ ହୁଏ । ୧ କି.ଗ୍ରା. କଲଚର ନେଇ ୫-୨୫ ଲିଟର ପାଣିରେ ଗୋଳାଇ ଦିଅନ୍ତୁ । ଏକ ଏକର ପାଇଁ ଦରକାର ହେଉଥିବା ବିହନ ଚାରାକୁ ପାଣି ତା ଚେରକୁ ଏହି କଲଚର ଗୋଳା ପାଣିରେ ୨୫-୩୦ ମିନିଟ୍ ବୁଡାଇ ରଖନ୍ତୁ । ତା'ପରେ ତାକୁ ପାଣିରୁ ବାହାର କରି ସଙ୍ଗେ ସଙ୍ଗେ ଜମିରେ ଲଗାଇ ଦିଅନ୍ତୁ । ଧାନ ତଳିର ଚେରକୁ ଲଗାଇବା ପୂର୍ବରୁ ୮-୧୨ ଘଣ୍ଟା ପର୍ଯ୍ୟନ୍ତ ବୁଡାଇ ରଖିବା ଦରକାର ।

## ମୃତ୍ତିକାରେ ପ୍ରୟୋଗ ପ୍ରଣାଳୀ:

ଏକ ଏକର ଜମିରେ ପ୍ରୟୋଗ କରିବା ପାଁ ୨-୪ କି.ଗ୍ରା. କଲଚର ନିଅନ୍ତୁ । ତାକୁ ୫୦-୧୦୦ କି.ଗ୍ରା. କମ୍ପୋଷ୍ଟ ସହିତ ମିଶାନ୍ତୁ । ଏହାକୁ ମଞ୍ଜି ବୁଣିବା ପୂର୍ବରୁ ମାଟି ଅଳ୍ପ ଓଦା ଥିବା ଅବସ୍ଥାରେ ମାଟିରେ ମିଶାଇ ଦିଅନ୍ତୁ ବା ଜମି ହଳ କଲାବେଳେ ଯେଉଁ ସିଆର ହୋଇଥାଏ ତା ଦେହରେ ପକାଇ ମାଟି ଘୋଡାଇ ଦିଅନ୍ତୁ । ପନିପରିବା ଫସଲ ଓ ଆଖୁ ଫସଲରେ ପ୍ରଥରେ କୋଡା ଖୁସା ସମୟରେ ୨ କି.ଗ୍ରା. କଲଚରକୁ ୧୦୦ କି.ଗ୍ରା. କମ୍ପୋଷ୍ଟ ସହ ମିଶାଇ ସିଆରରେ ପ୍ରୟୋଗ କରନ୍ତୁ ।

## କଟା ବିହନରେ ପ୍ରୟୋଗ:

ଆଖୁ, ଆଳୁ, ହଳଦୀ, ଅଦା, ସାରୁ ଓ କଦଳୀ ଇତ୍ୟାଦି ପାଇଁ ୧ କି.ଗ୍ରା. କଲଚରକୁ ୫୦-୬୦ ଲିଟର ପାଣିରେ ଗୋଳାଇ ଦ୍ରବଣ ପ୍ରସ୍ତୁତ କରନ୍ତୁ । ଏହି ଦ୍ରବଣରେ କଟା ବିହନ ଖଣ୍ଡ କିମ୍ବା କଦଳୀ ଓ ସାରୁର ପୁଆକୁ ୧୦-୧୫ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖନ୍ତୁ । ବିହନକୁ ଛାଇରେ ଅଳ୍ପ ଶୁଖାଇ ତୁରନ୍ତ ଜମିରେ ଲଗାଇ ଦିଅନ୍ତୁ ।

### ବିଭିନ୍ନ ଫସଲରେ ଜୀବାଣୁ ସାରର ପ୍ରୟୋଗବିଧି:

| ଫସଲର ନାମ | ଅନୁମୋଦିତ ଜୀବାଣୁ ସାର | ପ୍ରୟୋଗ ପ୍ରଣାଳୀ | ଏକ ହେକ୍ଟର ପାଇଁ ଦରକାର ହେଉଥିବା ଜୀବାଣୁ ସାର (କି.ଗ୍ରା.) | ପ୍ରୟୋଗ ସମୟ |
|---|---|---|---|---|
| **୧. ଡାଲିଜାତୀୟ ଫସଲ** | | | | |
| କ. ହରଡ, ବୁଟ, ଶିମ୍ବ, ମଟର, ଫରାସୀ ଶିମ୍ବ | ରାଇଜୋବିୟମ୍ | ବିହନ ଉପଚାର | ୧.୨କି.ଗ୍ରା. | ମଞ୍ଜି ବୁଣିବା ସମୟରେ |
| ଖ. ମୁଗ, ବିରି, ହରଡ, ଗୁଆଁର, କୋଳଥ, ମସୁର, ବରଗୁଡି, ଲୁସର୍ଣ୍ଣ, ବରସିମ୍ | ରାଇଜୋବିୟମ୍ | ବିହନ ଉପଚାର | ୦.୪-୦.୬କି.ଗ୍ରା. | ମଞ୍ଜି ବୁଣିବା ସମୟରେ |
| **୨. ଶସ୍ୟ ଜାତୀୟ ଫସଲ:** | | | | |
| କ. ଗହମ, ବାଜରା, ଜୋଆର, ବାର୍ଲି | ଆଜୋଟୋବ୍ୟାକ୍ଟର | ବିହନ ଉପଚାର | ୧.୨ କି.ଗ୍ରା. | ମଞ୍ଜି ବୁଣିବା ସମୟରେ |
| ଖ. ଧାନ | ଆଜୋସ୍ପିରିଲମ୍ | ତଳି ଉପଚାର | ୨.୩କି.ଗ୍ରା. | ଚାରା ଲଗାଇବା ସମୟରେ |
| **୩. ତୈଳ ଜାତୀୟ ଫସଲ:** | | | | |
| କ. ଚିନାବାଦାମ, ସୋୟାବିନ୍ | ରାଇଜୋବିୟମ୍ | ବିହନ ଉପଚାର | ୧.୨ କି.ଗ୍ରା. | ମଞ୍ଜି ବୁଣିବା ସମୟରେ |
| ଖ. ସୋରିଷ, ରାଶି, ଅଳସୀ, କୁସୁମୀ | ଆଜୋଟୋବ୍ୟାକ୍ଟର | ବିହନ ଉପଚାର | ୦.୨ କି.ଗ୍ରା. | ମଞ୍ଜି ବୁଣିବା ସମୟରେ |
| ଗ. ସୂର୍ଯ୍ୟମୁଖୀ, ଜଡା | ଆଜୋଟୋବ୍ୟାକ୍ଟର | ବିହନ ଉପଚାର | ୦.୫-୦.୮କି.ଗ୍ରା. | ମଞ୍ଜି ବୁଣିବା ସମୟରେ |
| **୪. କ୍ଷୁଦ୍ରଶସ୍ୟ ଫସଲ:** | | | | |
| କ. ମାଣ୍ଡିଆ, ଚୀନା, କୋଦ | ଆଜୋସ୍ପିରିଲମ୍ | ବିହନ ଉପଚାର | ୦.୨ କି.ଗ୍ରା. | ମଞ୍ଜି ବୁଣିବା ସମୟରେ |
| ଖ. ମକା | ଆଜୋସ୍ପିରିଲମ୍ / ଆଜୋଟୋବ୍ୟାକ୍ଟର | ବିହନ ଉପଚାର | ୦.୫କି.ଗ୍ରା. | ମଞ୍ଜି ବୁଣିବା ସମୟରେ |
| **୫. ଘାସ ଜାତୀୟ ଫସଲ:** | | | | |
| ବରମୁଣ୍ଡା, ଘାସ, ଗିନି ଘାସ, ପାରା ଘାସ, ତାରକା ଘାସ, ନାପିଏର ଘାସ | ଆଜୋସ୍ପିରିଲମ୍ | ବିହନ/ବିହନ ଖଣ୍ଡ | ୦୮-୧କି.ଗ୍ରା. | ମଞ୍ଜି ବୁଣିବା ସମୟରେ |
| **୬. ତନ୍ତୁ ଜାତୀୟ ଫସଲ:** | | | | |
| କ. କପା | ଆଜୋଟୋବ୍ୟାକ୍ଟର | ବିହନ ଉପଚାର | ୦.୬-୧କି.ଗ୍ରା. | ମଞ୍ଜି ବୁଣିବା ସମୟରେ |
| ଖ. ନଳିତା | ଆଜୋଟୋବ୍ୟାକ୍ଟର | ବିହନ ଉପଚାର | ୦.୮-୧କି.ଗ୍ରା. | ମଞ୍ଜି ବୁଣିବା ସମୟରେ |
| ଗ. ଛଣି **(Sunhemp)** | ରାଇଜୋବିୟମ୍ | ବିହନ ଉପଚାର | ୦.୮-୧କି.ଗ୍ରା. | ମଞ୍ଜି ବୁଣିବା ସମୟରେ |

| | | | | |
|---|---|---|---|---|
| ୭. ଚିନି ଜାତୀୟ ଫସଲ: | | | | |
| କ. ଆଖୁ | ଆଜୋଟୋବ୍ୟାକ୍ଟର/ ଆଜୋସ୍ପିରିଲମ୍ | ବିହନ ଖଣ୍ଡ ଉପଚାର | ୪.୫ କି.ଗ୍ରା. ୨.୨ କି.ଗ୍ରା. | ଲଗାଇବା ସମୟରେ |
| ଖ. ବିଟ୍ | ଆଜୋଟୋବ୍ୟାକ୍ଟର | ବିହନ ଉପଚାର | ୨.୩ କି.ଗ୍ରା. | ଲଗାଇବା ସମୟରେ |
| ୮. ବଗିଚା ଫସଲ: | | | | |
| କ. ଆଳୁ ଆଜୋଟୋବ୍ୟାକ୍ଟର | ବିହନ ଖଣ୍ଡ କିମ୍ବା ମୃତ୍ତିକା ଉପଚାର | ୪.୫କି.ଗ୍ରା. | | ଲଗାଇବା ସମୟରେ |
| ଖ. ମୂଳା, ଭେଣ୍ଡି, ଗାଜର, ବିଟ୍, କଖାରୁ | ଆଜୋଟୋବ୍ୟାକ୍ଟର | ମଞ୍ଜି ଉପଚାର | ୦.୨ କି.ଗ୍ରା. | ଲଗାଇବା ସମୟରେ |
| ଗ. ପିଆଜ, ବାଇଗଣ, ବିଲାତି ବାଇଗଣ, ଫୁଲକୋବି, ବନ୍ଧାକୋବି, ଲଙ୍କାମରିଚ, ଓଲକୋବି | ଆଜୋଟୋବ୍ୟାକ୍ଟର | ଚାରା ଉପଚାର | ୧.୫-୨କି.ଗ୍ରା. | ଚାରା ଲଗାଇବା ସମୟରେ |
| ୯. ଫୁଲଜାତୀୟ ଫସଲ : | | | | |
| କ. ଗେଣ୍ଡୁ ଆଜୋଟୋବ୍ୟାକ୍ଟର | ଚାରା ଉପଚାର | ୧.୫-୨ ଗ୍ରାମ୍ | ଚାରା ଲଗାଇବା ସମୟରେ | |
| ଖ. ରଜନୀଗନ୍ଧା, ଗ୍ଲାଡିଓଲସ୍, ଗୋଲାପ | ଆଜୋଟୋବ୍ୟାକ୍ଟର | ଖଣ୍ଡ ଉପଚାର | ୩.୪ କି.ଗ୍ରା. | ଲଗାଇବା ସମୟରେ |
| ୧୦. ଅର୍ଥକାରୀ ଫସଲ : | | | | |
| ନଡ଼ିଆ, ଆମ୍ବ | ଆଜୋଟୋବ୍ୟାକ୍ଟର | ମୃତ୍ତିକା ଉପଚାର | ୨୦-୩୦ ଗ୍ରାମ ଗଛପ୍ରତି | ବର୍ଷରେ ଦୁଇଥର |
| ୧୧. ଜଙ୍ଗଲ ଜାତୀୟ ଗଛ: | | | | |
| କ. ଶିଶୁ, ଶିରିଶ, ଆକାଶିଆ | ରାଇଜୋବିୟମ୍ | ମଞ୍ଜି ଉପଚାର | ୧କି.ଗ୍ରା. | ଚାରା କରିବା ସମୟରେ |
| ଖ. ଅନ୍ୟ ସମସ୍ତ ଗଛ | ଆଜୋଟୋବ୍ୟାକ୍ଟର | ମୃତ୍ତିକା ଉପଚାର | ୨୦-୩୦ ଗ୍ରାମ୍ ଗଛ ପ୍ରତି | ବର୍ଷରେ ଦୁଇଥର |

## ଫସ୍‌ଫୋବ୍ୟାକ୍ଟର :

ମୃତ୍ତିକାରେ ବହୁ ପରିମାଣରେ ଫସ୍‌ଫରସ୍ ଅଦ୍ରବଣୀୟ ଅବସ୍ଥାରେ ରହିଛି । ପ୍ରକୃତିରେ କେତେକ ଜୀବାଣୁ ଓ ଫିମ୍ପି ଅଛନ୍ତି ଯେଉଁମାନେ କି ଫସ୍‌ଫରସ୍ ଦ୍ରବୀଭୂତ କରି ନିଜର ଆବଶ୍ୟକତା ପୂରଣ କରିବା ସହ ଫସଲକୁ ମଧ୍ୟ ଯୋଗାଇଥାନ୍ତି । ବାସିଲସ୍ ଓ ସୁଡୋମୋନ୍‌ସ ଶ୍ରେଣୀରେ ଜୀବାଣୁକୁ କଲଚର କରି ଉପଯୁକ୍ତ ବାହକ ସହ ମିଶାଇ ଫସ୍‌ଫୋକଲଚର୍ ବା ପି.ଏସ୍.ବି. ବା ପି.ଏସ୍.ଏମ୍. ଭାବରେ ବ୍ୟବହାର କରାଯାଏ । ଏହା ଯେ କୌଣସି ଫସଲରେ ଓ ଯେ କୌଣସି ମୃତ୍ତିକାରେ ବିନା ବାଧାରେ ପ୍ରୟୋଗ କରାଯାଇପାରେ । ସାଧାରଣତଃ ଅମ୍ଳୀୟ ମାଟି ପାଇଁ ଏଗୁଡିକ ବେଶୀ ଉପଯୋଗୀ । ଆଜୋଟୋବ୍ୟାକ୍ଟର ଓ ଆଜୋସ୍ପିରିଲମ୍‌ର ବ୍ୟବହାର ପ୍ରଣାଳୀ ଓ ପରିମାଣ ସହ ଏହା ସମାନ ।

## ଏସିଟୋବ୍ୟାକ୍ଟର :

ଜୀବାଣୁ ସାର ଗବେଷଣା କ୍ଷେତ୍ରରେ ଏସିଟୋବ୍ୟାକ୍ଟର ର ଆବିଷ୍କାର ସଦ୍ୟତମ । ସ୍କାଭାଲ ସେଣ୍ଟ ଓ ଡେବିରନର ନାମକ ଦୁଇଜଣ ବୈଜ୍ଞାନିକ ୧୯୮୮ ମସିହାରେ (**Cavalcant and Dobereiner, 1988**) ଆଖୁ ଚାଷରୁ ଏସିଟୋବ୍ୟାକ୍ଟର ଡିଆଜୋଟ୍ରପିକସ୍ (**Acetobacter Diazotrophicus**) ନାମକ ଏକ ଜୀବାଣୁକୁ ଆବିଷ୍କାର କରିଛନ୍ତି । ଏହି ଜୀବାଣୁ ଆଖୁ ଗଛର ଚେର, କାଣ୍ଡ, ପତ୍ର ପ୍ରତ୍ୟେକ ଜାଗାରୁ ସଂଗ୍ରହ କରାଯାଇ ପାରୁଛି । ଏହାର ଚିନି ଜାତୀୟ ଫସଲରେ (ଯଥା: ଆଖୁ, ବିଟ୍, କନ୍ଦମୂଳ, ମିଠି ସୋରଗମ୍) ଯବକ୍ଷାରଜାନ ନିବନ୍ଧନ କରିବାର କ୍ଷମତା ରହିଛି । ଏହା ଏବେ ବଜାରରେ ବିଭିନ୍ନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରୀ ହେଉଛି ।

## ପ୍ରୟୋଗ :

୪୦ ଲିଟର ପାଣିରେ ୧ କି.ଗ୍ରା. ଏସିଟୋବ୍ୟାକ୍ଟର କଲଚରକୁ ମିଶାଇ ଏଥିରେ ଏକ ଏକରରେ ଲଗାଯାଉଥିବା ଆଖୁ ଖଣ୍ଡକୁ ୫ ମିନିଟ୍ ବୁଡାଇ ଲଗାଇବାକୁ ହୁଏ ।

କାନାଡା, ମେକ୍ସିକେ, ଅଷ୍ଟ୍ରେଲିଆ, କ୍ୟୁବା ଓ ଭାରତ ଇତ୍ୟାଦି ଦେଶର ବୈଜ୍ଞାନିକ ମାନେ ଏହା ଉପରେ ଗବେଷଣା କରି ଏହାର ଯବକ୍ଷାରଜାନ ବିବନ୍ଧିତ ଗୁଣକୁ ଜାଣି ପାରିଛନ୍ତି ।

## ପୋଟାସ୍ ବ୍ୟାକ୍ଟ୍ରିଆ:

ବୈଜ୍ଞାନିକ ମାନେ ଏବେ ଗଛରେ ପଟାସ କୁ ବାହିତ କରି ପାରିବା ପରି (Potash Mobilizing) ଏକ ଜୀବାଣୁ ଚିହ୍ନଟ କରିଛନ୍ତି । ବିଭିନ୍ନ କମ୍ପାନୀ ଏହାର କଲଚର ପ୍ରସ୍ତୁତ କରି ବଜାରରେ ବିକ୍ରୀ କରୁଛନ୍ତି । ଏହାର ପ୍ରୟୋଗ ଦ୍ୱାରା ଫସଲରେ ପଟାସ ଅଭାବ ଦୂର ହୋଇପାରୁଛି ।

## ପ୍ରୟୋଗ:

ଏକର ପ୍ରତି ୧ କି.ଗ୍ରା. ପୋଟାସ ବ୍ୟାକ୍ଟ୍ରିଆ କଲଚର ୫୦ କି.ଗ୍ରା. କମ୍ପୋଷ୍ଟରେ ମିଶାଇ ଜମିରେ ପ୍ରୟୋଗ କରାଯାଏ ।

## ଗନ୍ଧକ ଦ୍ରବୀଭୂତ କରିପାରୁଥିବା ଅଣୁଜୀବ:

ମାଟିରେ କେତେକ ଅଣୁଜୀବ ଅଛନ୍ତି ଯେଉଁମାନେ କି ମାଟିରେ ଥିବା ଓ ଗଛକୁ ଉପଲବ୍ଧ ହୋଇପାରୁନଥିବା ଅଦ୍ରବଣୀୟ ଜୈବିକ ଗନ୍ଧକକୁ ସଲଫେଟ୍ ($SO_4$) ଆକାରରେ ଦ୍ରବୀଭୂତ ଗନ୍ଧକ ଆକାରରେ ଉଦ୍ଭିଦକୁ ଯୋଗାଇ ଦେଇଥାନ୍ତି । ଏମାନଙ୍କୁ ଗନ୍ଧକ ଦ୍ରବୀଭୂତ ବାଦାରେ ପ୍ରୟୋଗ କରାଯାଇପାରେ । ସାଧାରଣତଃ ଅମ୍ଳୀୟ ମାଟି ପାଇଁ ଏଗୁଡିକ ବେଶୀ ଉପଯୋଗୀ । ଆଜୋଟୋବ୍ୟାକ୍ଟର ଓ ଆଜୋସ୍ପିରିଲମ୍‌ର ବ୍ୟବହାର ପ୍ରଣାଳୀ ଓ ପରିମାଣ ସହ ଏହା ସମାନ ।

## ଏସିଟୋବ୍ୟାକ୍ଟର

ଜୀବାଣୁ ସାର ଗବେଷଣା କ୍ଷେତ୍ରରେ ଏସିଟୋବ୍ୟାକ୍ଟର ର ଆବିଷ୍କାର ସଦ୍ୟତମ । ସ୍କାଭାଲ ସେଣ୍ଟ ଓ ଡେବିରନର ନାମକ ଦୁଇଜଣ ବୈଜ୍ଞାନିକ ୧୯୮୮ ମସିହାରେ (Cavalcant and Dobereiner, 1988) ଆଖୁ ଚାଷରୁ ଏସିଟୋବ୍ୟାକ୍ଟର ଡିଆଜୋଟ୍ରପକି (Acetobacter Diazotrophicus) ନାମକ ଏକ ଜୀବାଣୁକୁ ଆବିଷ୍କାର କରିଛନ୍ତି । ଏହି ଜୀବାଣୁ ଆଖୁ ଗଛର ଚେର, କାଣ୍ଡ, ପତ୍ର ପ୍ରତ୍ୟେକ ଜାଗାରୁ ସଂଗ୍ରହ କରାଯାଇ ପାରୁଛି । ଏହାର ଚିନି ଜାତୀୟ ଫସଲରେ (ଯଥା: ଆଖୁ, ବିଟ୍, କନ୍ଦମୂଳ, ମିଠା ସୋରଗମ୍) ଯବକ୍ଷାରଜାନ ନିବନ୍ଧନ କରିବାର କ୍ଷମତା ରହିଛି । ଏହା ଏବେ ବଜାରରେ ବିଭିନ୍ନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରୀ ହେଉଛି ।

## ପ୍ରୟୋଗ:

୪୦ ଲିଟର ପାଣିରେ ୧ କି.ଗ୍ରା. ଏସିଟୋବ୍ୟାକ୍ଟର କଲଚରକୁ ମିଶାଇ ଏଥିରେ ଏକ ଏକରରେ ଲଗାଯାଉଥିବା ଆଖୁ ଖଣ୍ଡକୁ ୫ ମିନିଟ୍ ବୁଡାଇ ଲଗାଇବାକୁ ହୁଏ ।

କାନାଡା, ମେକ୍ସିକୋ, ଅଷ୍ଟ୍ରେଲିଆ, କ୍ୟୁବା ଓ ଭାରତ ଇତ୍ୟାଦି ଦେଶର ବୈଜ୍ଞାନିକମାନେ ଏହା ଉପରେ ଗବେଷଣା କରି ଏହାର ଯବକ୍ଷାରଜାନ ବିବନ୍ଧିତ ଗୁଣକୁ ଜାଣି ପାରିଛନ୍ତି ।

## ପୋଟାସ୍ ବ୍ୟାକ୍ଟ୍ରିଆ:

ବୈଜ୍ଞାନନିକମାନେ ଏବେ ଗଛରେ ପଟାସ କୁ ବାହିତ କରିପାରିବା ପରି (Potash Mobilzing) ଏକ ଜୀବାଣୁ ଚିହ୍ନଟ କରିଛନ୍ତି । ବିଭିନ୍ନ କମ୍ପାନୀ ଏହାର କଲଚର ପ୍ରସ୍ତୁତ କରି ବଜାରରେ ବିକ୍ରୀ କରୁଛନ୍ତି । ଏହାର ପ୍ରୟୋଗ ଦ୍ୱାରା ଫସଲରେ ପଟାସ ଅଭାବ ଦୂର ହୋଇପାରୁଛି ।

## ପ୍ରୟୋଗ:

ଏକର ପ୍ରତି ୧କି.ଗ୍ରା. ପୋଟାସ୍ ବ୍ୟାକ୍ଟ୍ରିଆ କଲଚର ୫୦ କି.ଗ୍ରା. କମ୍ପୋଷ୍ଟରେ ମିଶାଇ ଜମିରେ ପ୍ରୟୋଗ କରାଯାଏ ।

## ଗନ୍ଧକ ଦ୍ରବୀଭୂତ କରିପାରୁଥିବା ଆଣୁଜୀବ:

ମାଟିରେ କେତେକ ଅଣୁଜୀବ ଅଛନ୍ତି ଯେଉଁମାନେ କି ମାଟିରେ ଥିବା ଓ ଗଛକୁ ଉପଲବ୍ଧ ହୋଇପାରୁନଥିବା ଅଦ୍ରବଣୀୟ ଜୈବିକ ଗନ୍ଧକକୁ ସଲଫେଟ୍ ($So_4$) ଆକାରରେ ଦ୍ରବୀଭୂତ ଗନ୍ଧକ ଆକାରରେ ଉଦ୍ଭିଦକୁ ଯୋଗାଇ ଦେଇଥାନ୍ତି । ଏମାନଙ୍କୁ ଗନ୍ଧକ ଦ୍ରବୀଭୂତ ଅଣୁଜୀବ ବା ଗନ୍ଧକ ଅଣୁଜୀବ କହନ୍ତି । ଏପରି ଅଣୁଜୀବମାନଙ୍କୁ ଚିହ୍ନଟ କରିବା ପାଇଁ ଗବେଷଣା ଚାଲୁରହିଛି । ଏସିଟୋବ୍ୟାକ୍ଟର ପାଶ୍ଚୁରିଆନ (Acetobater pasteurianus) ନାମକ ଗନ୍ଧକ ଦ୍ରବୀଭୂତ କରିପାରୁଥିବା ଅଣୁଜୀବିଙ୍କୁ ଚିହ୍ନଟ କରିବାରେ ସକ୍ଷମ ହେବେ ବୋଲି ଆଶା କରାଯାଇଛି ।

## ଜୀବାଣୁ ସାରର ଉପକାରିତା:

୧. ଏହାର ପ୍ରୟୋଗ ଦ୍ୱାରା ଫସଲକୁ ହେକ୍ଟର ପ୍ରତି ରାଇଜୋବିୟମ୍ କ୍ଷେତ୍ରରେ ୩୦-୭୦ କି.ଗ୍ରା. ଯବକ୍ଷାରଜାନ, ଆଜୋଟୋବ୍ୟାକ୍ଟର ଓ ଆଜୋସ୍ପିରିଲମ୍ କ୍ଷେତ୍ରରେ ୧୦-୨୫ କି.ଗ୍ରା. ଯବକ୍ଷାରଜାନ ଓ ଫସ୍‌ପୋବ୍ୟାକ୍ଟରରୁ ୨୦-୩୦ କି.ଗ୍ରା. ଫସ୍‌ପରସ୍ ମିଳିଥାଏ ।

୨. ଏହାଦ୍ୱାରା ଶତକଡା ୧୫-୪୦ ଭାଗ ଅଧିକ ଅମଳ ମିଳିଥାଏ ।

୩. ଏହା ଗଛର ଶାଖା ପ୍ରଶାଖା ତଥା ଚେରର ବୃଦ୍ଧିରେ ସାହାଯ୍ୟ କରିଥାଏ ।

୪. ଏହାଦ୍ୱାରା ଯବକ୍ଷାରଜାନ ବ୍ୟତୀତ କେତେକ ବିଶେଷ ହରମୋନ ଓ ଖାଦ୍ୟସାର, ଭିଟାମିନ୍ ଗଛକୁ ମିଳେ । ଯଦ୍ୱାରା ବିହନର ଅଙ୍କୁରୋଗମ କ୍ଷମତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଗଛର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ ଓ ଗଛ ସୁସ୍ଥ ରହେ ।

୫. ଜୀବାଣୁ ସାର ବାୟୁମଣ୍ଡଳ ଓ ମାଟିର କୌଣସି କ୍ଷତି କରେ ନାହିଁ, ତେଣୁ ପକୃତି ମିତ୍ର ।

୬. ଏହା ରାସାୟନିକ ସାରମାନଙ୍କ ତୁଳନାରେ ଅଧିକ ଉପଯୋଗୀ ଅଥଚ କ୍ଷୁବ୍ ଶସ୍ତା ଓ କୃଷକ ବନ୍ଧୁ ।

## ଜୀବାଣୁ ସାର ବ୍ୟବହାର ବେଳେ ସାବଧାନତା:

୧. ନିର୍ଦ୍ଦିଷ୍ଟ ଗଛରେ ଏକ ନିର୍ଦ୍ଦିଷ୍ଟ ରାଇଜୋବିୟମ୍ ଜୀବାଣୁ ଗଣ୍ଠି ସୃଷ୍ଟି କରିଥିବାରୁ ଠିକ୍ ପ୍ରକାରର ରାଇଜୋବିୟଭ୍‌କୁ ବ୍ୟବହାର କରନ୍ତୁ ।

୨. ପ୍ୟାକେଟ୍ ଉପରେ ଲିଖିତ ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ବ୍ୟବହାର କରନ୍ତୁ ।

୩. ଏହାକୁ ପ୍ରଖରା ଖରା ଓ ଗରମରୁ ଦୂରରେ କୌଣସି ଛାଇ ଓ ଥଣ୍ଡା ସ୍ଥାନରେ ରଖନ୍ତୁ ।

୪. ଯଦି ବିହନ ବିଶୋଧନ କରିବାକୁ ହୁଏ ତାହାହେଲେ ଟ୍ରାଇକୋଡ଼ର୍ମା କବକ କଲଚର ଦ୍ୱାରା କରାଯିବା ଉଚିତ୍ । ଏ କ୍ଷେତ୍ରରେ ଜୀବାଣୁ ସାର ସହ ମିଶାଇ ପ୍ରୟୋଗ କରାଯିବା ଉଚିତ୍ ।

୫. ଜୀବାଣୁ ସାର ଉପଚାର ୬ ଘଣ୍ଟା ଭିତରେ ଉପଚାରିତ ବିହନ ବୁଣି ଦିଅନ୍ତୁ ।